# NATIONAL NEWS BULLETIN (ODIA)

## 11 August 2026

### Morning Bulletin : 7.15 A.M.

*******************************

## ମୁଖ୍ୟ ସମ୍ବାଦ

- ୨୦୪୭ ବିକଶିତ ଭାରତ ଦୃଷ୍ଟିକୋଣ ଏବଂ ଯୁବଶକ୍ତିଙ୍କ ଅବଦାନ ଆଧାରରେ ପାଳନ କରାଯିବ ଆସନ୍ତା ସ୍ୱାଧୀନତା ଦିବସ ।

– ପ୍ରଥମଥର ପାଇଁ ଲାଲ୍‌କିଲାରୁ ହେବ ଜାତୀୟ ଗୀତ ବନ୍ଦେ ମାତରମ୍‌ର ସାମୂହିକ ଗାନ ।

- ସବୁଜ ଭାରତ ମିଶନ୍ ଅଧୀନରେ ଏପର୍ଯ୍ୟନ୍ତ ସାମିଲ ହୋଇଛନ୍ତି ୧୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ର ଶାସିତ ଅଞ୍ଚଳ ।

- ରାଞ୍ଚିରେ ଛାତ୍ର ପ୍ରତିବାଦକାରୀଙ୍କ ଉପରେ ପୁଲିସ୍ ଆକ୍ରମଣ ଅଭିଯୋଗ ନେଇ ଆଜି ଝାଡ଼ଖଣ୍ଡ ବନ୍ଦ ଡାକରା ଦେଇଛି ବିଜେପି ।

- କଲମ୍ବିଆରେ ଭୂକମ୍ପ ଯୋଗୁଁ ୧୩୨ରେ ପହଞ୍ଚିଲା ମୃତ୍ୟୁ ସଂଖ୍ୟା ।

ଏବଂ

- ୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଫେନ୍‌ସିଂ ଚାମ୍ପିୟନ୍‌ସିପ୍‌ରେ ଏପର୍ଯ୍ୟନ୍ତ ଭାରତ ହାସଲ କରିଛି ୧୭ଟି ପଦକ ।

# ଇଣ୍ଡିପେଣ୍ଡେନ୍ସ ଡେ

ଦେଶର ୮୦ତମ ସ୍ୱାଧୀନତା ଦିବସ ସମାରୋହରେ  ଚଳିତ ବର୍ଷ ୨୦୪୭ ସୁଦ୍ଧ ବିକଶିତ ଭାରତ ଗଠନ ଦିଗରେ ଯୁବଶକ୍ତିଙ୍କର ଅବଦାନ ଏବଂ ଜାତୀୟ ଗୀତ ବନ୍ଦେ ମାତରମ୍‌ର ୧୫୦ତମ ପୂର୍ତ୍ତି ପାଳନ ଉତ୍ସବ ଉପରେ ଆଲୋକପାତ କରାଯିବ । ନୂଆଦିଲ୍ଲୀରେ ଗତକାଲି ପ୍ରତିରକ୍ଷା ସଚିବ ରାଜେଶ କୁମାର ସିଂହ ଗଣମାଧ୍ୟମକୁ ଏହି ସୂଚନା ଦେଇଛନ୍ତି । ସେ କହିଛନ୍ତି, ନୂଆଦିଲ୍ଲୀ ସ୍ଥିତ ଐତିହାସିକ ଲାଲ୍‌କିଲାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଏହି ସମାରୋହ ଆରମ୍ଭ ହେବ । ଏହି ଅବସରରେ ପ୍ରଧାନମନ୍ତ୍ରୀ ଜାତୀୟ ପତାକା ଉତ୍ତୋଳନ କରିବା ସହିତ ଦେଶବାସୀଙ୍କୁ ଉଦ୍‌ବୋଧନ ଦେବେ । ବନ୍ଦେ ମାତରମ୍‌ର ୧୫୦ ବର୍ଷ ପୂର୍ତ୍ତି ଅବସରରେ ଚଳିତ ବର୍ଷ ସ୍ୱାଧୀନତା ଦିବସ ସମାରୋହରେ ଲାଲ୍‌କିଲାରେ ପ୍ରଥମଥର ଲାଗି ଏହି ସଂଗୀତ ଗାନ କରାଯିବ ବୋଲି ଶ୍ରୀ ସିଂହ କହିଛନ୍ତି ।

ଲାଲ୍‌କିଲାର ପ୍ରାଚୀରଗୁଡ଼ିକୁ ବନ୍ଦେ ମାତରମ୍ ଥିମ୍ ଆଧାରରେ ଫୁଲରେ ସଜା ଯିବା ସହ ପ୍ରାୟ ଅଢ଼େଇ ହଜାର ଏନ୍.ସି.ସି. କ୍ୟାଡେଟ୍ ଓ ମାଇ ଭାରତ୍ ସ୍ୱଚ୍ଛାସେବକ ଜ୍ଞାନପଥରେ ବନ୍ଦେ ମାତରମ୍ ଗଠନ କରିବେ । ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣ ପରେ ଏହି ଏନ୍.ସି.ସି. କ୍ୟାଡେଟ୍ ଏବଂ ସ୍ୱଚ୍ଛାସେବୀ ଜାତୀୟ ଗୀତ ଗାନ କରିବା ପରେ ଜାତୀୟ ସଂଗୀତ ଗାନ କରାଯିବ । ସମାରୋହରେ ଏମ୍.ଆଇ.-୧୭ ହେଲିକ୍ୟାପ୍ଟର ଗୁଡ଼ିକ ଅଂଶଗ୍ରହଣ କରିବେ । ଜାତୀୟ ପତାକା, ଫୁଲପାଖୁଡ଼ା ଏବଂ ବନ୍ଦେ

ମାତରମ୍‌ର ୧୫୦ ବର୍ଷକୁ ପାଳନ ଆଧାରରେ ଏକ ସ୍ୱତନ୍ତ୍ର ବ୍ୟାନର ଏହି ହେଲିକ୍ୟାପ୍ଟରଗୁଡ଼ିକ ଆକାଶମାର୍ଗରେ ପ୍ରଦର୍ଶନ କରିବେ ।

ସଶସ୍ତ୍ର ବାହିନୀ ଏବଂ ଅନ୍ୟାନ୍ୟ ୟୁନିଫର୍ମ୍‌ଯୁକ୍ତ ସେବା ବ୍ୟାଣ୍ଡ୍ ଆସନ୍ତା ୧୫ ତାରିଖ ପର୍ଯ୍ୟନ୍ତ ଦେଶର ୩୪୩ଟି ପ୍ରମୁଖ ସ୍ଥାନରେ ଜାତୀୟ ଗୀତ ପ୍ରଦର୍ଶନ କରିବେ । ଚଳିତ ବର୍ଷ ସମାରୋହରେ ଅଂଶଗ୍ରହଣ କରିବା ଲାଗି ୨୦୨୬ ଆନ୍ତର୍ଜାତିକ ପଦାର୍ଥ ବିଜ୍ଞାନ, ରସାୟନ ବିଜ୍ଞାନ, ଜୀବବିଜ୍ଞାନ ଏବଂ ଗଣିତ ଅଲମ୍ପିୟାଡ୍‌ର ୧୯ ଜଣ ପଦକ ବିଜେତାଙ୍କୁ ସ୍ୱତନ୍ତ୍ର ଅତିଥି ଭାବେ ନିମନ୍ତ୍ରଣ କରାଯାଇଛି । ଏଥିସହ ବିଭିନ୍ନ କୁଇଜ୍ ଓ ପ୍ରତିଯୋଗିତା ମାଧ୍ୟମରେ ମନୋନୀତ ହୋଇଥିବା ପ୍ରାୟ ୫୦୦ ଦିଲ୍ଲୀ ସରକାରୀ ବିଦ୍ୟାଳୟ ଗୁଡ଼ିକର ଛାତ୍ରଛାତ୍ରୀ ସମାରୋହରେ ଯୋଗଦେବେ ।

ପାରମ୍ପରିକ ପୋଷାକ ପିନ୍ଧି ବିଭିନ୍ନ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳଗୁଡ଼ିକୁ ପ୍ରତିନିଧିତ୍ୱ କରୁଥିବା ୧୫୦୦ରୁ ଅଧିକ ଦିଲ୍ଲୀବାସୀଙ୍କୁ ସମାରୋହରେ ଅଂଶଗ୍ରହଣ କରିବା ପାଇଁ ନିମନ୍ତ୍ରଣ କରାଯାଇଛି । ଏଥିପାଇଁ ଦିଲ୍ଲୀ ମେଟ୍ରୋସେବା ସକାଳ ୪ଟାରୁ ଆରମ୍ଭ ହେବ ଏବଂ ଏଥିରେ ସେମାନଙ୍କର ସମ୍ପୂର୍ଣ୍ଣ ନିଶୁଳ୍କ ଯାତାୟତ ପାଇଁ ବ୍ୟବସ୍ଥା କରାଯାଇଥିବା ଶ୍ରୀ ସିଂହ ସୂଚନା ଦେଇଛନ୍ତି ।

# ଏଲ୍‌ଏସ୍‌-ଫରେଷ୍ଟ ଲ୍ୟାଣ୍ଡ

ଦେଶରେ କାର୍ଯ୍ୟକାରି ହେଉଥିବା ସବୁଜ ଭାରତ ମିଶନ୍ ଅଧୀନରେ ଜଙ୍ଗଲ ଏବଂ ଅଣଜଙ୍ଗଲ କ୍ଷେତ୍ରକୁ ପୁନରୁଦ୍ଧାର ପାଇଁ ପଦକ୍ଷେପ ଗ୍ରହଣ କରାଯାଉଛି । ଲୋକସଭାରେ ଗତକାଲି ଏକ ଲିଖିତ ଉତ୍ତରରେ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ରାଷ୍ଟ୍ରମନ୍ତ୍ରୀ କୀର୍ତ୍ତିବର୍ଦ୍ଧନ ସିଂହ କହିଛନ୍ତି, ୨୦୧୫-୧୬ ଆର୍ଥିକ ବର୍ଷ ଠାରୁ ଆରମ୍ଭ ହୋଇଥିବା ଏହି ମିଶନ୍‌ରେ ୧୭ଟି ରାଜ୍ୟ ଓ ଗୋଟିଏ କେନ୍ଦ୍ରଶାସିତ ଅଞ୍ଚଳ ଅନ୍ତର୍ଭୁକ୍ତ ରହିଛି । ୧ ଲକ୍ଷ ୮୪ ହଜାର ହେକ୍ଟରରୁ ଅଧିକ ଅଞ୍ଚଳକୁ ପୁନରୁଦ୍ଧାର ପାଇଁ ଏହି ମିଶନ୍ ଅଧୀନରେ ସାମିଲ କରାଯାଇଛି । ମନ୍ତ୍ରଣାଳୟ ଦେଇଥିବା ସୂଚନା ଅନୁଯାୟୀ ୨୦୨୦-୨୧ ଆର୍ଥିକ ବର୍ଷରୁ ଏପର୍ଯ୍ୟନ୍ତ ସହରାଞ୍ଚଳ ସବୁଜ ଆବରଣ ଓ ପରିବେଶଗତ ଇକୋସିଷ୍ଟମ୍ ବୃଦ୍ଧି କରିବା ଲକ୍ଷ୍ୟ ନେଇ ୬୦୦ ନଗର ଭାନ୍ ଏବଂ ୪୦୦ ନଗର ବାଟିକାର ବିକାଶ କରାଯାଉଛି । ବାୟୁ ଗୁଣବତ୍ତା ବୃଦ୍ଧି ଏବଂ ପରିବେଶଗତ ବିକାଶ କରିବାରେ ଏହି ପଦକ୍ଷେପ ସହାୟକ ହେଉଛି । ସବୁଜ ଭାରତ ମିଶନ୍ ଅଧୀନରେ ଏ ପର୍ଯ୍ୟନ୍ତ ବିଭିନ୍ନ ପଦକ୍ଷେପ ପାଇଁ ୭ଟି ରାଜ୍ୟକୁ ୫୭ କୋଟି ଟଙ୍କା ବଣ୍ଟନ କରାଯାଇଛି । ସେଗୁଡ଼ିକ ହେଉଛି – ଛତିଶଗଡ଼, ହରିଆଣା, କେରଳମ୍, ମଧ୍ୟପ୍ରଦେଶ, ମଣିପୁର, ସିକ୍କିମ୍ ଏବଂ ଉତ୍ତର ପ୍ରଦେଶ ।

# ଝାଡ଼ଖଣ୍ଡ ପ୍ରୋଟେଷ୍ଟ

ଝାଡ଼ଖଣ୍ଡର ରାଜଧାନୀ ରାଞ୍ଚିରେ ଗତକାଲି ଛାତ୍ର ପ୍ରତିବାଦକାରୀଙ୍କ ପଦଯାତ୍ରା ସମୟରେ ଉତ୍ତେଜନାମୂଳକ ପରିସ୍ଥିତି ସୃଷ୍ଟି ହୋଇଥିଲା । ଛାତ୍ର ନେତା ଦେବେନ୍ଦ୍ରନାଥ ମହୋତଙ୍କର ସ୍ୱାସ୍ଥ୍ୟାବସ୍ଥା ଖରାପ ହେବାରୁ ତାଙ୍କୁ ହସ୍ପିଟାଲ୍‌ରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି । ଅନ୍ୟ ପକ୍ଷରେ ରାଜ୍ୟରେ ନିଯୁକ୍ତି ପରୀକ୍ଷାରେ ଅନିୟମିତତା ଅଭିଯୋଗ ନେଇ ଶ୍ରୀ ମହତୋ ଗତ ୯ ଦିନ ଧରି ଅନସନରେ ବସିଥିଲେ । ପଦଯାତ୍ରା ବେଳେ ପୁଲିସ୍ ଲାଠିମାଡ଼ରେ ସେ ଆହତ ହୋଇଥିବା ଅଭିଯୋଗ ହୋଇଛି । ପ୍ରତିବାଦକାରୀ ଛାତ୍ରଙ୍କ ଉପରେ ପୁଲିସ୍ ଅତ୍ୟାଚାରର ଅଭିଯୋଗ ନେଇ ବିଜେପି ପକ୍ଷରୁ ଆଜି ଝାଡ଼ଖଣ୍ଡ ବନ୍ଦ ଡାକରା ଦିଆଯାଇଛି । ଗତକାଲିର ସଂଘର୍ଷରେ ବହୁ ଆନ୍ଦୋଳନକାରୀ ଏବଂ ୪ ଜଣ ପୁଲିସ୍ କର୍ମଚାରୀ ଆହତ ହୋଇଥିବା ଜଣାପଡ଼ିଛି ।

# ଶିବରାଜ ଚୌହାନ-ଆଇସିଏଆର୍

ଜାତୀୟ ଛାତ୍ର ବୃତ୍ତି ପୋର୍ଟାଲ୍ ମାଧ୍ୟମରେ ଦେଶ ବ୍ୟାପି କୃଷି ବିଦ୍ୟାର୍ଥିଙ୍କ ପାଇଁ ଛାତ୍ର ବୃତ୍ତି ଓ ଫେଲୋସିପ୍ ରାଶି ପ୍ରଦାନ କରାଯାଇଛି । ନୂଆଦିଲ୍ଲୀରେ ଗତକାଲି କୃଷି ଓ କୃଷକ କଲ୍ୟାଣ ମନ୍ତ୍ରୀ ଶିବରାଜ ସିଂହ

ଚୌହାନ ଏହି ପାଣ୍ଠି ପ୍ରଦାନ କରିଛନ୍ତି । ୬ହଜାରରୁ ଅଧିକ ଛାତ୍ରଛାତ୍ରୀଙ୍କୁ ଡିବିଟି ବ୍ୟବସ୍ଥା ମାଧ୍ୟମରେ ୨୧ କୋଟି ଟଙ୍କାରୁ ଅଧିକ ରାଶି ପ୍ରଦାନ କରାଯାଇଛି । ସମାବେଶକୁ ସମ୍ବୋଧନ କରି ଶ୍ରୀ ଚୌହାନ କହିଛନ୍ତି, କୃଷି ଶିକ୍ଷାକୁ ସୁଦୃଢ଼ କରିବା ଏବଂ ଏହାର ବ୍ୟାବହାରିକ ଜ୍ଞାନ ଆହରଣରେ ଏଭଳି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବ । ପ୍ରତି ମାସରେ ଏଣିକି ସିଧାସଳଖ ଡିବିଟି ମାଧ୍ୟମରେ ଯୋଗ୍ୟ ଛାତ୍ରଛାତ୍ରୀଙ୍କୁ ବୃତ୍ତି ପ୍ରଦାନ କରାଯିବ ବୋଲି ସେ କହିଛନ୍ତି ।

ଏହାଦ୍ୱାରା ଛାତ୍ରଛାତ୍ରୀ ଶିକ୍ଷା ଉପରେ ଅଧିକ ଧ୍ୟାନ କେନ୍ଦ୍ରୀଭୂତ କରିପାରିବେ ବୋଲି ମନ୍ତ୍ରୀ ଶ୍ରୀ ଚୌହାନ ଆଶାବ୍ୟକ୍ତ କରିଛନ୍ତି । ଏହି ଅବସରରେ ଶ୍ରୀ ଚୌହାନ କୃଷି ଶିକ୍ଷା, ଗବେଷଣା ଏବଂ ବ୍ୟାବହାରିକ ତାଲିମ୍‌କୁ ଅଧିକ ତ୍ୱରାନ୍ୱିତ କରିବା ଉପରେ ଗୁରୁତ୍ୱ ଦେଇଛନ୍ତି ।

## ଗୋୟଲ୍-ଜିଇଏମ୍

ସରକାରୀ ଇ-ବଜାର କ୍ଷେତ୍ର ଜେମ୍ ଦ୍ୱାରା ସାମଗ୍ରୀ କ୍ରୟ ଅଧିକ ସ୍ୱଚ୍ଛ ଏବଂ ବ୍ୟବସ୍ଥିତ ହୋଇପାରିଛି ବୋଲି ବାଣିଜ୍ୟ ଓ ଶିଳ୍ପ ମନ୍ତ୍ରୀ ପୀୟୂଷ ଗୋୟଲ କହିଛନ୍ତି । ଜେମ୍‌ର ଦଶମ ପ୍ରତିଷ୍ଠା ଦିବସ ଅବସରରେ ଗତକାଲି ନୂଆଦିଲ୍ଲୀରେ ଏକ ସମାବେଶକୁ ସମ୍ବୋଧନ କରି ଶ୍ରୀ ଗୋୟଲ ଏହା କହିଛନ୍ତି । ସେ କହିଛନ୍ତି, ଜେମ୍ ମାମଧ୍ୟମରେ ପ୍ରଥମ ୮ ବର୍ଷରେ

ସରକାରୀ କାର୍ଯ୍ୟାଳୟ ଗୁଡ଼ିକ ପାଇଁ ୧୦ ଲକ୍ଷ କୋଟି ଟଙ୍କା ମୂଲ୍ୟର ସାମଗ୍ରୀ କ୍ରୟ ହୋଇଥିବା ବେଳେ ଏହା ପରେ ମାତ୍ର ୨ ବର୍ଷ ମଧ୍ୟରେ ସମପରିମାଣର କ୍ରୟ ହୋଇଥିଲା । ଏହି ପୋର୍ଟାଲ୍ ମାଧ୍ୟମରେ ୨ ଲକ୍ଷ ୨୫ହଜାରରୁ ଅଧିକ ମହିଳା ନେତୃତ୍ୱାଧୀନ ଉଦ୍ୟୋଗ ପ୍ରାୟ ୧ଲକ୍ଷ କୋଟି ଟଙ୍କା ମୂଲ୍ୟର ଅର୍ଡର ପାଇଛନ୍ତି ବୋଲି ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି । ୪୨ ହଜାରରୁ ଅଧିକ ଷ୍ଟାର୍ଟଅପ୍ ଏହି ପାର୍ଟାଲ୍ ମାଧ୍ୟମରେ ସରକାରୀ କ୍ଷେତ୍ର ସହିତ ପ୍ରାୟ ୬୬ ହଜାର କୋଟି ଟଙ୍କାର ବ୍ୟବସାୟ କରିଛନ୍ତି ବୋଲି ସେ କହିଛନ୍ତି ।  ଆଧୁନିକ ପ୍ରଯୁକ୍ତିବିଦ୍ୟା ତଥା କୃତ୍ରିମ ବୁଦ୍ଧିମତା ଆଧାରରେ ଏହି ପୋର୍ଟାଲ୍‌କୁ ଅଧିକ ବିକଶିତ କରାଯାଉଛି ବୋଲି ଶ୍ରୀ ଗୋୟଲ ସୂଚନା ଦେଇଛନ୍ତି । ଏହି ପ୍ଲାଟ୍‌ଫର୍ମର ବ୍ୟବହାର ଲକ୍ଷ୍ୟ ନେଇ ଦେଶ ବ୍ୟାପି ପାଞ୍ଚ ଅଙ୍କ ବିଶିଷ୍ଟ ଏକ ସଟ୍ କୋଡ୍ ନମ୍ବର ୧୪୫୫୦ ଗତକାଲି ଶ୍ରୀ ଗୋୟଲ ଶୁଭାରମ୍ଭ କରିଛନ୍ତି ।

## କଲମ୍ବିଆ-ଆର୍ଥକ୍ୱକ୍

କଲମ୍ବିଆର ପଶ୍ଚିମ ଭାଗରେ ଗତକାଲି ଅନୁଭୂତ ଶକ୍ତିଶାଳୀ ଭୂକମ୍ପ ଯୋଗୁଁ ଅତି କମ୍‌ରେ ୧୩୨ ଜଣଙ୍କର ମୃତ୍ୟୁ ହୋଇଛି । ଏ ପର୍ଯ୍ୟନ୍ତ ୫୭୦ ଜଣ ଆହତ ହୋଇଥିବା ଜଣାପଡ଼ିଛି । ରିକ୍ଟର ସ୍କେଲ୍‌ରେ ଭୂକମ୍ପର ତୀବ୍ରତା ୭ ଦଶମିକ୍ ୪ ରହିଥିଲା । ଆମେରିକାର ଭୂତତ୍ତ୍ୱ ସର୍ଭେ ସଂସ୍ଥା ଅନୁଯାୟୀ ରାଜଧାନୀ ବୋଗୋଟାରୁ ୪୦୦ କିଲୋମିଟର ପଶ୍ଚିମରେ

ଚୋକୋ ଅଞ୍ଚଳର ସାନ୍ ଜୋସ୍ ଡେଲ୍ ପାଲ୍ମାର୍ ନିକଟରେ ଏହି ଭୂକମ୍ପ କେନ୍ଦ୍ରୀତ ଥିଲା । ବ୍ୟାପକ ଭିତ୍ତିଭୂମି କ୍ଷେତ୍ର ତଥା ଆବାସ ସ୍ଥଳୀ ଭୂକମ୍ପ ଯୋଗୁଁ କ୍ଷତିଗ୍ରସ୍ତ ହୋଇଛି ।

ଭଗ୍ନାବଶେଷ ତଳେ ଏବେ ମଧ୍ୟ ବହୁ ଲୋକ ରହିଥିବା ଅନୁମାନ କରାଯାଇଛି । ଉଦ୍ଧାର ଏବଂ ରିଲିଫ୍ କାର୍ଯ୍ୟ ଜାରି ରହିଥିବା ସ୍ଥାନୀୟ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି । ରାଷ୍ଟ୍ରପତି ଆବେଲାର୍ଡୋ ଡେ ଲା ଏସ୍ପ୍ରିଏଲା ଦେଶରେ ଜରୁରୀକାଳୀନ ପରିସ୍ଥିତି ଘୋଷଣା କରିଛନ୍ତି । ଭୂକମ୍ପର ପ୍ରଭାବ ପଡ଼ୋଶୀ ଇକ୍ୱେଡର୍ ଏବଂ ପାନାମରେ ମଧ୍ୟ ଅନୁଭୂତ ହୋଇଥିବା ଜଣାପଡ଼ିଛି । ତେବେ ସେଠାରେ କୌଣସି ବଡ଼ କ୍ଷୟକ୍ଷତିର ରିପୋର୍ଟ୍ ହସ୍ତଗତ ହୋଇନାହିଁ । ଅନ୍ୟ ପକ୍ଷରେ ସମ୍ଭାବ୍ୟ ପରବର୍ତ୍ତୀ ଭୂକମ୍ପ ନେଇ କଲମ୍ବିଆ କର୍ତ୍ତୃପକ୍ଷ ସତର୍କ ସୂଚନା ଜାରି କରିଛନ୍ତି । ଗତ ଦଶନ୍ଧି ମଧ୍ୟରେ ଏହା କଲମ୍ବିଆରେ ଅନୁଭୂତ ହୋଇଥିବା ସବୁଠାରୁ ଶକ୍ତିଶାଳୀ ଭୂକମ୍ପ ବୋଲି ଆକଳନ କରାଯାଇଛି ।

# ଖୁଦିରାମ

ମହାନ ବିପ୍ଳବୀ ତଥା ସ୍ୱାଧୀନତା ସଂଗ୍ରାମୀ ଖୁଦିରାମ ବୋଷଙ୍କ ୧୧୯ତମ ପୁଣ୍ୟତିଥି ଆଜି ପାଳନ କରାଯାଉଛି । ଦେଶବାସୀ ତାଙ୍କ ସ୍ମୃତି ପ୍ରତି ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛନ୍ତି । ୧୯୦୮ ମସିହା ଅଗଷ୍ଟ ମାସ ୧୧

ତାରିଖରେ ସଂଗ୍ରାମୀ ଶ୍ରୀ ବୋଷଙ୍କୁ ବ୍ରିଟିଶ୍ ସରକାର ମୃତ୍ୟୁ ଦଣ୍ଡ ଦେଇଥିଲେ । ଏହି ଯୁବ ବିପ୍ଲବୀଙ୍କୁ ସ୍ମରଣ କରିବା ଏବଂ ତାଙ୍କ ସର୍ବୋଚ୍ଚ ବଳୀଦାନକୁ ଶ୍ରଦ୍ଧାଞ୍ଜଳୀ ଦେବା ଉଦ୍ଦେଶ୍ୟରେ ଆଜି ଦେଶ ବ୍ୟାପି ବିଭିନ୍ନ କାର୍ଯ୍ୟକ୍ରମର ଆୟୋଜନ କରାଯାଇଛି ।

ମାତ୍ର ୧୮ ବର୍ଷ ବୟସରେ ଖୁଦିରାମ ବ୍ରିଟିଶ୍ ଉପନିବେଶବାଦୀ ଶାସନର ଅନ୍ତଃ ଘଟାଇବା ଲକ୍ଷ୍ୟରେ ବିପ୍ଲବୀ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ । ୧୯୦୮ ମସିହା ଏପ୍ରିଲ୍ ୩୦ ତାରିଖରେ ଖୁଦିରାମ ତାଙ୍କ ସହଯୋଗୀ ବିପ୍ଲବୀ ପ୍ରଫୁଲ୍ଲ ଚାକିଙ୍କ ସହ ମିଶି ବିହାରର ମୁଜାଫର୍‌ପୁରରେ ବ୍ରିଟିଶ୍ ମାଜିଷ୍ଟ୍ରେଟ୍ କିଙ୍ଗସ୍‌ଫୋର୍ଡ୍‌କୁ ହତ୍ୟା କରିବାକୁ ଉଦ୍ୟମ କରିଥିଲେ । ସେ ଯାଉଥିବା ଗାଡ଼ି ଉପରକୁ ବୋମା ଫିଙ୍ଗିଥିଲେ । କିଙ୍ଗସ୍‌ଫୋର୍ଡ୍ ଗାଡ଼ିରେ ନ ଥିବାରୁ ସେ ବର୍ତ୍ତି ଯାଇଥିଲେ ମଧ୍ଯ ବିସ୍ଫୋରଣରେ ୨ ଜଣ ବ୍ରିଟିଶ୍ ମହିଳା ପ୍ରାଣ ହରାଇଥିଲେ । ଖୁଦିରାମଙ୍କ ସହଯୋଗୀ ପ୍ରଫୁଲ୍ଲ ଚାକି ଗିରଫ୍‌ଦାରୀରୁ ରକ୍ଷା ପାଇବା ପାଇଁ ଆତ୍ମହତ୍ୟା କରିଥିଲେ । ସର୍ବୋଚ୍ଚ ବଦଳିଦାନ ସହ ଖୁଦିରାମ ଦେଶ ପ୍ରେମ, ସାହସ ଏବଂ ତ୍ୟାଗର ଏକ ପ୍ରତୀକ ଭାବେ ଯୁବପିଢ଼ିଙ୍କୁ ପ୍ରେରଣା ପ୍ରଦାନ କରିଚାଲିଛନ୍ତି ।

# ଫେନ୍ସିଂ ଚାମ୍ପିୟନ୍ସିପ୍

୨୩ ବର୍ଷରୁ କମ୍ ରାଜ୍ୟଗୋଷ୍ଠୀ ଫେନ୍ସିଂ ଚାମ୍ପିୟନ୍ସିପ୍‌ରେ ଭାରତ ଏପର୍ଯ୍ୟନ୍ତ ୧୭ଟି ପଦକ ହାସଲ କରିଛି । ନାଇଜେରିଆର ଲାଗୋସ୍‌ଠାରେ ଏହି ପ୍ରତିଯୋଗିତା ଗତ ରବିବାର ଠାରୁ ଆରମ୍ଭ ହୋଇଛି । ୧୭ଟି ପଦକ ମଧ୍ୟରେ ୪ଟି ସ୍ୱର୍ଣ୍ଣ, ୪ଟି ରୌପ୍ୟ ଏବଂ ୯ଟି କାଂସ୍ୟ ପଦକ ରହିଛି । ସାବ୍ରେ, ଫଏଲ୍ ଏବଂ ଏପି ବର୍ଗରେ ସମସ୍ତ ୬ଟି ଯାକ ବ୍ୟକ୍ତିଗତ ପ୍ରତିଯୋଗିତାରେ ଭାରତୀୟ ଖେଳାଳି ପଦକ ହାସଲ କରିଛନ୍ତି । ଅନ୍ୟାନ୍ୟ ବର୍ଗରେ ଭାରତ ଉତ୍କୃଷ୍ଟ ଖେଳ ପ୍ରଦର୍ଶନ କରିବ ବୋଲି ଆଶା କରାଯାଉଛି ।